sarbasadharana

27th Dec, 2020

ସାଧାରଣରେ ଦାବି ହେଉଛି ।

ଆଇଆଇଟି ପକ୍ଷରୁ 'ଫିଟ୍ ଇଣ୍ଡିଆ ସାଇକ୍ଲୋଥନ୍'

ଜଟଣୀ (ଆପ୍ର): ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ଜଟଣୀସ୍ଥିତ ଅରଗୁଳ କ୍ୟାମ୍ପଠାରେ ଶନିବାର 'ଫିଟ ଇଣ୍ଡିଆ ସାଇକ୍ଲୋଥନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର. ଭି ରାଜା କୁମାର ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମଟି ଗଠିବିତ ସୁସ୍ଥ ଭାରତର ଏକ ଅଂଶ ବିଶେଷ । ଯାହାକୁ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ । ଏଥି ମଧ୍ୟରେ ସାଇକ୍ଲୋଥନ ହେଉଛି ନୂତନ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଭିତ୍ତିକ ଯୋଗ । ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ ରାଜକୁମାର କହିଛନ୍ତି, ଯେ ପ୍ରତ୍ୟେକ ନାଗରିକ ଶାରୀରିକ ଓ ମାନସିକ ସୁସ୍ଥତା ଚାହୁଁଥିଲେ ଯୋଗ ନିତ୍ୟାନ୍ତ ଆବଶ୍ୟକ । କେବଳ ଶିକ୍ଷାର୍ଥୀ ଏବଂ ବିଦ୍ୟାର୍ଥୀ ନୁହେଁ ଦେଶର ପ୍ରତ୍ୟେକ ବ୍ୟକ୍ତି ଏହାକୁ ଆପଣେଇବା ଆବଶ୍ୟକ । ତେବେ ଯାଇ ଦେଶ ସୁସ୍ଥ ତଥା ଫିଟ୍ ରହିବ । ଏଥିପାଇଁ ଆଇଆଇଟି ସାଇକେଲ ପ୍ରଥାକୁ ପୋଷାଭାବେ ଗ୍ରହଣ କରିଛି । ତେଣୁ ପ୍ରତିଦିନ ସାଇକେଲ ଚାଳନା ଏବଂ ଯୋଗ କ୍ରିୟା ଅଭ୍ୟାସରେ ସାମିଲ କରାଯିବା ଆବଶ୍ୟକ । ଏହାକୁ ଦୈନନ୍ଦିନ ସୂଚିରେ ସାମିଲ କରନ୍ତୁ । ଏଥିପ୍ରତି ଆମ ଛାତ୍ରଛାତ୍ରୀମାନେ ଏହାକୁ ଆଦର ସହିତ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି । ଫିଟ୍ ଇଣ୍ଡିଆ ସାଇକ୍ଲୋଥନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ୮୦ ଜଣ ସଦସ୍ୟ ଉତ୍ସାହର ସହିତ ଭାଗ ନେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମଟି ସଂପୂର୍ଣ୍ଣ ମହାମାରୀ କୋଭିଡ-୧୯ର କଟକଣା ମଧ୍ୟରେ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଆଇଟି ଷ୍ଟୁଡେଣ୍ଟ ଆଫାୟାରସ୍ ଡିନ୍ ପ୍ରଫେସର ଭି.ଆର ପେଡିରେଡ୍ଡୀ, ରେଜିଷ୍ଟ୍ରାର ଦେବରାଜ ରଥ, ଗେମ ଆଣ୍ଡ ସ୍ପୋର୍ଟସର ଆଡଭାଇଜର ତଥା ଫାକଲ୍ଟି ଷ୍ଟୁଡେଣ୍ଟ ଜିମଖାନା ଡ.ଅଲିଭ ରାଏ, ଇଏଏ କୋର୍ଡିନେଟର ଶ୍ରୀକାନ୍ତ ଗୋଲାପୁଡି ଉପସ୍ଥିତ ରହିଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ. ସଙ୍କର୍ଷଣ ମହାପାତ୍ର ।